# ତହସିଲ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡି, (ଗଞ୍ଜାମ)

☎ : 0680-2485551 e-mail ID: tah_kukudakhandi@yahoo.in

ସଂଖ୍ୟା. 3714 ତା 28.06.2022 ରିଖ

## ନିଲାମ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କୁକୁଡ଼ାଖଣ୍ଡି ତହସିଲ ଇଲାକାରେ ଥିବା କୁସୁମୀ ମୌଜା ରେ ଥିବା ଗୋଟିଏ ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ) ନିମନ୍ତେ ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦି) ଲିଜ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ମାଧମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in** ରେ ଉପଲବ୍ଧ ଅଛି । ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି କୁକୁଡ଼ାଖଣ୍ଡି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

ଦରଖାସ୍ତକୁ ଜଉମୁଦ ଦିଆ ଲଫାପାରେ ଭର୍ତ୍ତି କରି ରେଜିଷ୍ଟ୍ରି ପୋଷ୍ଟ ଜରିଆରେ କୁକୁଡ଼ାଖଣ୍ଡି ତହସିଲଦାରଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା **drop box** ରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା ୩୦.୦୬.୨୦୨୨ ରିଖ ଠାରୁ ତା ୨୦.୦୭.୨୦୨୨ ରିଖ ଅପରାହ୍ନ ୫ .୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା ୨୧.୦୭.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକା ରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ । କୌଣସି କାରଣରୁ ନିଲାମ ଚୁଡାନ୍ତ ନହୋଇ ପାରିଲେ ଦ୍ୱିତୀୟ ତା ୨୮.୦୭.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକା ଏବଂ ଦ୍ୱିତୀୟ ତାରିଖରେ ନହୋଇ ପାରିଲେ ତୃତୀୟ ତା ୦୪.୦୮.୨୦୨୨ ରିଖ ପୂର୍ବାହ୍ନ ୧୧ ଘଟିକାରେ ନିଲାମ ଚୁଡାନ୍ତ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ ତଥା ନିୟନ୍ତ୍ରକ କର୍ତ୍ତୃପକ୍ଷ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ । ପ୍ରକାଶ ଥାଉକି ସୈରାତ ଉତ୍ସ କାର୍ଯ୍ୟକ୍ଷମ ହେବା ପାଇଁ ଆବଶ୍ୟକୀୟ ମାଇନିଂ ପ୍ଲାନ ଏବଂ ପରିବେଶୀୟ ମଂଞ୍ଜୁରୀ ପ୍ରାପ୍ତି ପରେ ଲିଜଧାରୀଙ୍କ ସହ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ରେଜିଷ୍ଟ୍ରଭୁକ୍ତ ଲିଜ୍ ଦଲିଲ ସ୍ୱାକ୍ଷରିତ ହେବା ଦିନ ଠାରୁ ୫ (ପାଞ୍ଚ) ବର୍ଷ ପର୍ଯ୍ୟନ୍ତ ଲିଜ୍ ମିଆଦ ବଳବତ୍ତର ରହିବ ।

### ସୈରାତ ଉତ୍ସ ଗୁଡ଼ିକର ବିବରଣୀ

| କ୍ର.ନଂ | ସୈରାତ କେସ୍ ନଂ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନ ମି) (ଟଙ୍କାରେ) | MGQ ଅନୁସାରେ ବାର୍ଷିକ ସୈରାତର ପରିମାଣ | ଅଗ୍ରିମ ଦାଖଲ କରିବାକୁଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|---|---|---|
| 1 | **01/2022-23** | କୁସୁମୀ | 325 | 147 /p | 5.668 | ପର୍ବତ | 130/- | 400 /- | 530 /- | 8000 | Rs.212 000/- |
| 2 | **19/2021-22** | ରଘୁନାଥପୁର | 404 | 585 | 4.201 | ପର୍ବତ | 130/- | 100/- | 230/- | 6000 | Rs. 69,000/- |

କଲ୍ୟାଣୀ ଅଗ୍ନିହୋତ୍ରୀ ଦେବୀ
28.06.2022

**ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରିଣୀ,**
**କୁକୁଡ଼ାଖଣ୍ଡି, ଗଞ୍ଜାମ**

ତହସିଲଦାର
କୁକୁଡ଼ାଖଣ୍ଡି

ତହସିଲ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡି, (ଗଞ୍ଜାମ)
☎: 0680-2485551 e-mail ID: tah_kukudakhandi@yahoo.in

ସଂଖ୍ୟା. 3715 ତା 28.06.22 ରିଖ

## ସର୍ତ୍ତାବଳୀ

ଇଚ୍ଛୁକ ବ୍ୟକ୍ତି ବିଶେଷ ଓ **OMMC Rule 2016** ଏବଂ ଏହାର **Amendment Rule** ମୁତାବାକ ନିମ୍ନ ଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ ।

1. **OMMC Rule 2016** ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତ କାରୀଙ୍କ ଦ୍ୱାରା ଦସ୍ତଖସ୍ତ କରାଯାଇଥିବା 3 କିତା **Form M (3 Copies)** ଦାଖଲ କରିବେ ।
2. ଦରଖାସ୍ତ ଫି ବାବଦକୁ ଟ 1000 (ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ (**Head of Account-0853-Non Ferrous Mining & Meteorological Industries-102-Mineral Concession Fees Rent of Royalties)** ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
3. ଉତ୍ସ ର ନାମ, ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ ।
4. ଦରଖାସ୍ତ କାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ ।
5. ଦରଖାସ୍ତକାରୀ 1୪ ମାସର ଅବଧି ଥାଇ ଏକ **Solvency Certificate** କିମ୍ବା **Bank Guaranty** ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସୈରାତ ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(Minimum Guaranteed Quantity) X (Royalty + Offered Additional Charges by participant)** ହେବା ଆବଶ୍ୟକ । **Anexure-1** କ୍ରମାନୁସାରେ ସୈରାତ ଉତ୍ସ ଗୁଡ଼ିକୁ ନିଲାମକୁ ନିଆଯିବ । ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାୟୀ ଉପରୋକ୍ତ ହିସାବ ଅନୁସାରେ **Solvency Certificate** କିମ୍ବା **Bank Guaranty** ମୂଲ୍ୟକୁ ଗ୍ରହଣ କରାଯିବ । ଯଦି ଦରଖାସ୍ତ କାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଖାନ୍ତି **Anexure-1** କ୍ରମଅନୁଯାୟୀ **Solvency Certificate** କିମ୍ବା **Bank Guaranty** ମୂଲ୍ୟକୁ ଗ୍ରହଣ କରାଯିବ ।
6. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସ ର **EMD (Earnest Money Deposit)** ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ **(Minimum Guaranteed Quantity) X (Royalty + Additional Charges specified in the notice)** ର ଶତକଡ଼ା 5**%** ରହିବ । ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ **Tahasildar, Kukudakhandi** ଙ୍କ ନାମରେ କରିବା ବାଞ୍ଛନୀୟ, ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।
7. ଦରଖାସ୍ତକାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ,ଆର୍ଥିକ ସ୍ଥିତି ଇତ୍ୟାଦି ପ୍ରମାଣ ପତ୍ର ସଂଲଗ୍ନ କରିବେ ।
8. ଦରଖାସ୍ତକାରୀ ବର୍ଷର ଆୟକର ଦାଖଲ **(Income Tax Filling)** ବିବରଣୀର ନକଲ / **GST Clearance Certificate** ର ନକଲ ଦାଖଲ କରିବେ ।

କଲ୍ୟାଣୀ ଐଶ୍ୱର୍ଯ୍ୟା ଦେବୀ
28.06.2022
ତହସିଲଦାର
କୁକୁଡାଖଣ୍ଡି

9. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ନିଲାମରେ ଅଂଶ ଗ୍ରହଣ କରିବେ । ଲିଜ ପରେ ସୈରାତ ଚଳାଇବା ସମ୍ପର୍କରେ କୋଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଏଥିବାବଦରେ ଏକ **(Self-Declaration)** ଘୋଷଣାନାମା / ସ୍ୱୀକାରୋକ୍ତି ଦରଖାସ୍ତକାରୀ ଦାଖଲ କରିବେ ।

10. ଦରଖାସ୍ତ କାରୀ ସୈରାତ ଉତ୍ସର **Mining Plan, EC Preparation & Sairat Advertising Cost** ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

11. ଦରଖାସ୍ତ କାରୀ ଲଫାପାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

12. ଲିଜ ଧାରୀ **Mining Plan, EC** ଏବଂ **Advertising** ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ ନିଲାମ ଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ **(Consent to Operate)** ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ **(Odisha Pollution Control Board)** ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

13. ସରକାରୀ ଭାବେ ଘନ ମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ **(Minimum Additional Charge)** ଏବଂ **Royalty** ର ଦର ଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀ ଙ୍କ ଦରଖାସ୍ତ ଖାରଜ କରି ଦିଆଯିବ।

14. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ଏବଂ **Additional Charge** ମୂଲ୍ୟର ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

15. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

16. ଚୟନ କରାଯାଇ ଥିବା ନିଲାମ ଧାରୀଙ୍କୁ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ **Form-F** ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି **Form-F** ପାଇବାର 15 ଦିନ ମଧ୍ୟରେ ଚୟନ ହୋଇ ଥିବା ନିଲାମ ଧାରୀ ନିଲାମ ନେବା ନେଇ ସ୍ୱୀକୃତି ପ୍ରଦାନ କରିବେ । ଏବଂ ବାର୍ଷିକ ଦେୟ **(Minimum Guaranteed Quantity) X [ Royalty + Offered Additional Charges ]** ର ଏକ ଚତୁର୍ଥାଂଶ **Earnest Money** କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାକଲ ହୋଇଥିବା **Earnest Money** କୁ ସୁଧ ରହିତ ଅମାନତ ରାଶି **(Security Deposit)** ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନକରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀଙ୍କ **Earnest Money** କୁ ବାଜ୍ୟାପ୍ତି କରାଯିବ । ନିଲାମ ଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇ ଥିବା ଆବେଦନ କାରୀଙ୍କ **Earnest Money** କୁ ଫେରସ୍ତ କରି ଦିଆଯିବ ।

17. ନିଲାମ ଧାରୀ ସମସ୍ତ **(Clearance)** ଦେୟ ଜମା କରିବା ପରେ **Form-N** ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି **(Registration Act 1908 & Stamp Act 1890 & 1899** ଅନୁଯାୟୀ) ସମ୍ପାଦନ କରିବେ ।

କଲ୍ୟାଣୀ ସଂଘମିତ୍ରା ଦେବୀ
ତହସିଲଦାର 25.05.2022

**18.** ମାଇନିଂ ପ୍ଲାନ୍, ପରିବେଶୀୟ ମଂଜୁରୀ ପ୍ରାପ୍ତି ଆଦି ଆଇନଗତ ପ୍ରକ୍ରିୟା ଶେଷହେବା ପରେ ନିଲାମଧାରୀଙ୍କ ଦ୍ୱାରା ତହସିଲଦାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ ହେବାଦିନଠାରୁ ଠିକ୍ ପାଞ୍ଚବର୍ଷ ପର୍ଯ୍ୟନ୍ତ ଉକ୍ତ ଲିଜ୍ ବଳବତ୍ତର ରହିବ ।

**19.** **OMMC Rule 2016** ନିୟମବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରାଶି ବ୍ୟାଜାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

**20.** ଲିଜ ଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା **Royalty**, **Additional Charge**, **Dead Rent, Surface Rent, DMF, EMF** ଓ ଅନ୍ୟାନ୍ୟ ଦେୟ **OMMC Rule 2016** ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ଏ ସମସ୍ତ ଦେୟର **2%** ଆୟକର (**TCS**) ବାବଦକୁ ଜମା କରିବେ ।

**21.** ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ଼ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (**Display Board**) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।

**22.** ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସକୁ କାର୍ଯ୍ୟକ୍ଷମକରି ପାରିବେ ନାହିଁ ।

**23.** ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ କୁକୁଡ଼ାଖଣ୍ଡି ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବ ସାଇଟ୍ **www.ganjam.nic.in** ରେ ଦେଖିପାରିବେ ।

**24.** କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (**MGQ**) ଏବଂ ଅତିରିକ୍ତ ଦେୟ (**Additional Charges**) ସଂଶୋଧନ କରିପାରିବେ ।

**25.** ନିଲାମ ଦରଖାସ୍ତ କାରୀ ମାନେ ଓଡ଼ିଶା ଲଘୁ ଖଣିଜ ନିୟମ 2016 (**OMMC Rule-2016**) ଏବଂ ତତ୍ ସମ୍ବନ୍ଧୀୟ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

**26.** ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉ ଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନର ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

**27.** ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରି ପାରିବେ ।

**28.** ଲିଜ୍ ଅବଧି ମଧ୍ୟରେ ଲିଜ୍ ଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲ୍ଲଙ୍ଘନ କଲେ ତାଙ୍କ ଲିଜ ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଜମା ରାଶିକୁ ବାଜ୍ୟାପ୍ତି କରାଯିବ ।

**29.** ଲିଜ ଧାରୀ **Mines Act-1952** ଏବଂ **Explosive Act-1984** ର ସମସ୍ତ ସର୍ତ୍ତାବଳୀ ପାଳନର ଅନ୍ତର୍ଭୁକ୍ତ ରହିବେ ।

କଲ୍ୟାଣୀ ସୁମିତ୍ରା ଦେବୀ ୨୮.୦୫.୨୦୨୨

**ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରିଣୀ,**
**କୁକୁଡ଼ାଖଣ୍ଡି, ଗଞ୍ଜାମ**

ତହସିଲଦାର
କୁକୁଡ଼ାଖଣ୍ଡି